# NATIONAL NEWS BULLETIN (ODIA)

**6 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- କେନ୍ଦ୍ରରେ ନୂତନ ସରକାର ଗଠନ ନେଇ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପକ୍ଷରୁ ଆରମ୍ଭ ହୋଇଛି ପ୍ରକ୍ରିୟା ।

\- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏନ୍‌ଡିଏ ମେଣ୍ଟର ନେତାଭାବେ ହେଲେ ମନୋନୀତ ।

\- ଏନ୍‌ଡିଏ ସଂସଦୀୟ ଦଳର ବୈଠକ ଆସନ୍ତାକାଲି ।

- ଅତିରିକ୍ତ ଜଳ ଦିଲ୍ଲୀକୁ ଛାଡିବା ପାଇଁ ହିମାଚଳ ପ୍ରଦେଶ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ।

- ଆସାମ ବନ୍ୟା ପରିସ୍ଥିତିରେ ଆସିଛି ସୁଧାର : ସୂଚନା ଦେଲେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ।

ଏବଂ

- ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଉଗାଣ୍ଡା ପପୁଆ ନିଉଗିନିକୁ ପରାସ୍ତ କରିଥିବାବେଳେ’ ଅନ୍ୟଏକ ମ୍ୟାଚ୍‌ରେ ଓମାନ ବିରୁଦ୍ଧରେ ଅଷ୍ଟ୍ରେଲିଆ ବିଜୟୀ ।

---

# ଏନ୍‌ଡିଏ ଇନିସିଏଟ୍‌ସ

କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପ୍ରକ୍ରିୟା ଆରମ୍ଭ କରିଛି । ସର୍ବସମ୍ମତି କ୍ରମେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନ୍‌ଡିଏ ମେଣ୍ଟର ନେତା ଭାବେ ମନୋନୀତ କରିବା ପରେ ମେଣ୍ଟ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି । ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗତକାଲି ଅନୁଷ୍ଠିତ ଏନ୍‌ଡିଏ ନେତାଙ୍କ ବୈଠକରେ ଗତ ୧୦ବର୍ଷର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ସରକାର ଅମଳରେ ଦେଶର ବିଭିନ୍ନ କ୍ଷେତ୍ରରେ ଉନ୍ନତିକୁ ପାଥେୟ କରି ପ୍ରସ୍ତୁତ ସଂକଳ୍ପ ପାରିତ ହୋଇଛି । ପୂର୍ବଭଳି ଦେଶରେ ବିକାଶର କାର୍ଯ୍ୟକୁ ଆଗେଇନେବା ଏବଂ ବିଶ୍ୱରେ ଭାରତର ଗୌରବକୁ ବଢ଼ାଇବା ଲାଗି ଶ୍ରୀ ମୋଦୀଙ୍କ ନେତୃତ୍ୱକୁ ଏନ୍‌ଡିଏ ଦଳର ନେତାମାନେ ପୂର୍ଣ୍ଣ ସହମତି ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହା, ତେଲୁଗୁଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଶିବସେନା ସିନ୍ଦେଗ୍ରୁପ୍ ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଲୋକ ଜନଶକ୍ତି ପାର୍ଟି

(ରାମବିଳାସ) ମୁଖ୍ୟ ଚିରାଗ ପାଶୱାନଙ୍କ ସମେତ ଅନ୍ୟାନ୍ୟ ସହଯୋଗୀ ଦଳର ନେତା ଉପସ୍ଥିତ ଥିଲେ ।

## ଏନ୍‌ଡିଏ ବୈଠକ

ଏନ୍‌ଡିଏ ସଂସଦୀୟ ଦଳର ବୈଠକ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ଏଥିରେ ସହଯୋଗୀ ଦଳଗୁଡ଼ିକର ନେତା ତଥା ପ୍ରତିନିଧି ଯୋଗଦେବେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୂଆଦିଲ୍ଲୀଠାରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ଦଳର ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକରେ ବିଜେପିର ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଛି । ଦଳର ବରିଷ୍ଠ ନେତୃବୃନ୍ଦ ଏଥିରେ ଯୋଗ ଦେଇଥିଲେ । ଜେଡିୟୁ ନେତା ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ଜେଡିୟୁ-କ୍ୟାବିନେଟ୍ ବର୍ଥ

ଏନ୍‌ଡିଏ ଗଠନ କରିବାକୁ ଯାଉଥିବା ନୂତନ ସରକାର କ୍ୟାବିନେଟ୍ ସ୍ଥାନକୁ ନେଇ ଜେଡିୟୁ ପକ୍ଷରୁ କୌଣସି ସର୍ତ୍ତ ରଖାଯାଇ ନାହିଁ ବୋଲି ଦଳର ମୁଖପାତ୍ର କେ.ସି.ତ୍ୟାଗୀ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କୁ କ୍ୟାବିନେଟ ଗଠନ ନେଇ ସହଯୋଗୀ ଦଳଗୁଡ଼ିକ ସହ ଆଲୋଚନା

କରିବାକୁ ଦାୟିତ୍ୱ ଅର୍ପଣ କରାଯାଇଛି । ଏନେଇ ନୂଆଦିଲ୍ଲୀଠାରେ ଶ୍ରୀ ନଡ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ବିହାରକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରଦାନ ହେଉଛି ଜେଡିୟୁର ଲକ୍ଷ୍ୟ । ଏହାଦ୍ୱାରା ରାଜ୍ୟରୁ ଦାରିଦ୍ର୍ୟ, ବେକାରୀ ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ସହାୟକ ହେବ ବୋଲି ଶ୍ରୀ ତ୍ୟାଗୀ କହିଛନ୍ତି । ସୂଚନାଯୋଗ୍ୟ ବିହାରରେ ଜେଡିୟୁ ୧ ୨ଟି ଲୋକସଭା ଆସନରେ ବିଜୟୀ ହୋଇ ନୂଆ ଏନ୍‌ଡିଏ ସରକାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ।

## ଇଣ୍ଡିମେଣ୍ଟ ବୈଠକ

ଇଣ୍ଡିମେଣ୍ଟରେ ସାମିଲ ଥିବା ଦଳଗୁଡ଼ିକର ଏକ ବୈଠକ ଗତକାଲି ନୂଆଦିଲ୍ଲୀସ୍ଥିତ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଦେଶର ସମ୍ବିଧାନକୁ ସମ୍ମାନ ଦେଉଥିବା ଏବଂ ଏହାର ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତା ରହୁଥିବା ସମସ୍ତ ଦଳକୁ ଇଣ୍ଡିମେଣ୍ଟ ସ୍ୱାଗତ କରେ ବୋଲି ଶ୍ରୀ ଖଡଗେ କହିଛନ୍ତି । ସେ କହିଛନ୍ତି ମେଣ୍ଟ ଉପଯୁକ୍ତ ସମୟରେ ସଠିକ୍ ପଦକ୍ଷେପ ଗ୍ରହଣ କରିବ । ସେ ପର୍ଯ୍ୟନ୍ତ ସମସ୍ତଙ୍କୁ ଅପେକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଖଡଗେ କହିଛନ୍ତି ଇଣ୍ଡିମେଣ୍ଟ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର

ରଖିଛି । ବୈଠକରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଜେଏମ୍ଏମ୍ର କଳ୍ପନା ସୋରେନ, ଆପ୍ର ସଞ୍ଜୟ ସିଂହ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆର୍ଜେଡିର ତେଜସ୍ୱୀ ଯାଦବ, ସିପିଆଇଏମ୍ ନେତା ସୀତାରାମ ୟେଚୁରୀ, ସିପିଆଇ ନେତା ପି.ରାଜା, ଏନ୍ସିପି ମୁଖ୍ୟ ଶରଦ ପାୱାର, ଡିଏମ୍କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍ ପ୍ରମୁଖ ଯୋଗ ଦେଇଥିଲେ ।

## ଓଡ଼ିଶା-ଏଲିଫ୍ୟାଣ୍ଟ

ଓଡ଼ିଶାରେ ଗତ ୭ବର୍ଷ ମଧ୍ୟରେ ହାତୀସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି । ଓଡ଼ିଶା ହାତୀଗଣନା ରିପୋର୍ଟ ୨୦୨୪ ଅନୁଯାୟୀ ୩୮ଟି ବନଖଣ୍ଡରେ ୨ହଜାର ୯୮ଟି ହାତୀ ଥିବା ଜଣାପଡିଛି । ସେଗୁଡ଼ିକ ମଧ୍ୟରେ ୩୧୩ଟି ବୟସ୍କ ଦନ୍ତାହାତୀ ଏବଂ ୭୪୮ଟି ବୟସ୍କ ମାଈ ହାତୀ ଅଛନ୍ତି । ଗ୍ ମେ' ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୨୮ଟି ଜିଲ୍ଲାର ୪୮ଟି ଡିଭିଜନରେ ହାତୀ ଗତିବିଧି ଉପରେ ନଜର ରଖାଯାଇଥିଲା । ଏହି ଗଣନା କାର୍ଯ୍ୟରେ ବନବିଭାଗର ୫ହଜାର ୭୦୦ରୁ ଅଧିକ କର୍ମଚାରୀ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ଗବେଷକ ପ୍ରମୁଖ ଯୋଗ ଦେଇଥିଲେ ।

## ଶ୍ରୀଲଙ୍କା-ଶପଥ ଗ୍ରହଣ ଉତ୍ସବ

ଶ୍ରୀଲଙ୍କା ରାଷ୍ଟ୍ରପତି ରନିଲ ବିକ୍ରମସିଂଘେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି । ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ହାସଲ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଶ୍ରୀ ବିକ୍ରମସିଂଘେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଫୋନ୍ କରି ଅଭିନନ୍ଦନ ଜଣାଇଥିଲେ । ସେହି ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ରହିବା ପାଇଁ ନିମନ୍ତ୍ରଣ କରିଥିଲେ । ଶ୍ରୀ ମୋଦୀ କ୍ରମାଗତ ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ।

## ଏସ୍‌ସି-ୱାଟର

୧୩୭ ଘନଫୁଟ ଅତିରିକ୍ତ ଜଳ ଦିଲ୍ଲୀକୁ ଛାଡିବା ପାଇଁ ସୁପ୍ରିମକୋର୍ଟ ହିମାଚଳପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ପି.କେ. ମିଶ୍ର ଏବଂ ଜଷ୍ଟିସ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଉପଲବ୍ଧ ଅତିରିକ୍ତ ଜଳ ଛାଡିବାକୁ  ହିମାଚଳପ୍ରଦେଶ ସରକାର ସମ୍ମତି ପ୍ରଦାନ କରିଛନ୍ତି । ହିମାଚଳପ୍ରଦେଶ ଛାଡିବାକୁ ଥିବା ଏହି ଅତିରିକ୍ତ ଜଳର ପ୍ରବାହକୁ ସହଜ

କରିବାକୁ ସୁପ୍ରିମକୋର୍ଟ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ପାଣିର ଅପଚୟ ନ କରିବାକୁ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ହରିୟାଣାକୁ ପୂର୍ବ ସୂଚନା ଦେଇ ହିମାଚଳପ୍ରଦେଶ ଏହି ଅତିରିକ୍ତ ୧୩୭ଘନଫୁଟ ଜଳ ଛାଡିବାକୁ ସୁପ୍ରିମକୋର୍ଟ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୦ ତାରିଖକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି ।

## ଆସାମ ଫ୍ଲଡ

ଆସାମ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ଗତ ୨୪ଘଣ୍ଟା ମଧ୍ୟରେ ପାଣିପାଗରେ ପରିବର୍ତ୍ତନ ଯୋଗୁଁ ବନ୍ୟା ପରିସ୍ଥିତି ସୁଧୁରିଛି ବୋଲି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛି । ଇତିମଧ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୨୫ରେ ପହଞ୍ଚିଛି । କାଚାର, କରିମଗଞ୍ଜ, ମୋରିଗାଓ, ହୋଜାଇ, ନଗାଓଁ, ଡିମାହାସାଓ, ହାଇଲାକାଣ୍ଡି ଏବଂ ପଶ୍ଚିମ କାର୍ବିଆଙ୍ଗଲମର ବିଭିନ୍ନ ଅଞ୍ଚଳ ବନ୍ୟା ଯୋଗୁଁ ଜଳମଗ୍ନ ହୋଇଥିବା ପରିଚାଳନା କର୍ତ୍ତୃପକ୍ଷ କହିଛି । ୩୭୫ଟି ଗାଁରେ ୨୨ହଜାରରୁ ଅଧିକ ଲୋକ ୧୧୨ଟି ରିଲିଫ କ୍ୟାମ୍ପରେ ରହିଥିବା ଜଣାପଡିଛି । ୫ହଜାର ହେକ୍ଟରରୁ ଅଧିକ ଫସଲ ବନ୍ୟାଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ଉଦ୍ଧାର ଏବଂ

ରିଲିଫ କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ନିୟୋଜିତ ଅଛନ୍ତି ବୋଲି ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି ।

## ଟି-୨୦

ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜି ଗାଏନାସ୍ଥିତ ପ୍ରୋଭିଡେନ୍ସ ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଉଗାଣ୍ଡା' ପପୁଆ ନିଉଗିନିକୁ ୩ ୱିକେଟ୍‌ରେ ପରାସ୍ତ କରିଛି ।

ସେହିଭଳି ବାର୍‌ବାଡୋସର କେନ୍‌ସିଙ୍ଗଟନ ଓଭାଲଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓମାନ୍‌କୁ ଅଣଚାଳିଶ ରନ୍‌ରେ ପରାସ୍ତ କରିଛି । ଏହି ପ୍ରଥମ ମ୍ୟାଚ୍ ଜିତି ଅଷ୍ଟ୍ରେଲିଆ ତା'ର ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତା ଅଭିଯାନ ଆରମ୍ଭ କରିଛି ।

ଆଜି ରାତିରେ ଡଲାସର ଗ୍ରାଣ୍ଡ ପେରି ଷ୍ଟାଡିୟମଠାରେ ପାକିସ୍ତାନ ଏବଂ ଆମେରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏହାପରେ ବାର୍‌ବାଡୋସର କେନ୍‌ସିଙ୍ଗଟନ ଓଭାଲଠାରେ ନାମିବ୍ୟା ଏବଂ ସ୍କଟଲ୍ୟାଣ୍ଡ ପରସ୍ପରକୁ ଭେଟିବେ ।

ଗତକାଲିର ମ୍ୟାଚ୍‌ରେ ଭାରତ ଆୟରଲାଣ୍ଡକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ନ୍ୟୁୟର୍କର ନାସାଉ-କାଉଣ୍ଟି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟରଲାଣ୍ଡ ପ୍ରଥମ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୯୬ରନ୍ ସ୍କୋର କରିଥିଲା । ଭାରତୀୟ ବୋଲର ହାର୍ଦ୍ଦିକ ପାଣ୍ଡିଆ ତିନୋଟି ୱିକେଟ୍ ନେଇଥିବା ବେଳେ ଜଶପ୍ରୀତ

ବୁମରା ଏବଂ ଅର୍ଶଦୀପ ସିଂହ ଦୁଇଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଭାରତ ୧୨ ଓଭର ୨ଟି ବଲ୍‌ରେ ୨ ଓ୍ୱିକେଟ୍ ହରାଇ ବିଜୟ ଲାଭ କରିଥିଲା । କ୍ୟାପଟେନ୍ ରୋହିତ ଶର୍ମା ୫୨ ଏବଂ ରିଷଭ ପନ୍ଥ ୩୬ରନ୍ ସ୍କୋର କରିଥିଲେ । ଏହି ଗ୍ରୁପ୍‌ର ପରବର୍ତ୍ତୀ ମ୍ୟାଚ୍ ଆଗାମୀ ୯ ତାରିଖରେ ଭାରତ ପାକିସ୍ତାନ ମଧ୍ୟରେ ଖେଳାଯିବ ।